# ପ୍ରାକ୍ - ମାଟିକ୍ ମେଧାବୃତ୍ତି ଯୋଜନା (ନବମ ଓ ଦଶମ ଶ୍ରେଣୀ)

## ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟତ୍ରୀ (ଏଚ୍.ଏମ୍) ମାନଙ୍କ ପାଇଁ ଯାଞ୍ଚ ତାଲିକା

ଓଡ଼ିଶା ସରକାର ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଏସ୍‌ଟି / ଏସ୍‌ସି ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ପ୍ରାକ୍-ମାଟ୍ରିକ୍ ମେଧାବୃତ୍ତି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାର କାର୍ଯ୍ୟକାରିତା ପାଇଁ ନିମ୍ନଲିଖିତ କାର୍ଯ୍ୟଗୁଡିକୁ ପାଳନ କରାଯିବା ଜରୁରୀ।

**ନବମ ଶ୍ରେଣୀ**

ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଆବଶ୍ୟକ ଡକୁମେଣ୍ଟ ସହ ଆବେଦନ ପତ୍ର ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟତ୍ରୀଙ୍କ ନିକଟରେ ଦାଖଲ କରିବେ (ଯଥା : ୧. ଜାତିଗତ ପ୍ରମାଣ ପତ୍ର, ୨. ଆୟ ପ୍ରମାଣ / ସାର୍ଟିଫିକେଟ ଓ ୩. ବ୍ୟାଙ୍କ ଆକାଉଣ୍ଟ ନମ୍ବର ପାଇଁ ପାସ୍‌ବୁକ୍‌ର ସହିନକଲ)।

ନବମ ଶ୍ରେଣୀରେ ନାମ ଲେଖାଇବା ବେଳେ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରି ଦାଖଲ କରିବା କାର୍ଯ୍ୟକୁ ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀମାନେ ସୁନିର୍ଶ୍ଚିତ କରିବେ। ଆବେଦନ ପତ୍ର ଗ୍ରହଣ / ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ସେଗୁଡିକୁ ଦାଖଲ କରିବା ପୂର୍ବରୁ ନିମ୍ନଲିଖିତ ବିଷୟଗୁଡିକୁ ସେମାନେ ଯାଞ୍ଚ କରି ସୁନିର୍ଶ୍ଚିତ କରିବେ।

୧. କେବଳ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ହିଁ ଆବେଦନପତ୍ର ଦାଖଲ କରିଛନ୍ତି (ଜାତିଗତ ପ୍ରମାଣପତ୍ର ଥିବା ଏସ୍‌ସି / ଏସ୍‌ଟି ଛାତ୍ରଛାତ୍ରୀ ଏବଂ ଛାତ୍ରମାନଙ୍କ କ୍ଷେତ୍ରରେ ପରିବାରର ବାର୍ଷିକ ଆୟ ୨ ଲକ୍ଷରୁ କମ୍ ହୋଇଥିବ; ଛାତ୍ରୀମାନଙ୍କ ପାଇଁ ଆୟ ସୀମାରେ କୌଣସି କଟକଣା ନାହିଁ।)

୨. ଫର୍ମ ଠିକ୍‌ଭାବେ ପୂରଣ ହୋଇଛି:

- କ) ସ୍କୁଲ ରେଜିଷ୍ଟର ଅନୁସାରେ ଛାତ୍ର ବା ଛାତ୍ରୀ ନିଜ ନାମ ଓ ସାଙ୍ଗିଆ ଲେଖିଛନ୍ତି।
- ଖ) ଛାତ୍ର ବା ଛାତ୍ରୀ ସେମାନଙ୍କ ଜାତି (ଏସ୍‌ସି ବା ଏସ୍‌ଟି) ଉଲ୍ଲେଖ କରିଛନ୍ତି ଏବଂ ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯାଇଅଛି।
- ଗ) ଛାତ୍ର ବା ଛାତ୍ରୀ ସେମାନଙ୍କ ଶ୍ରେଣୀ ଠିକ୍‌ଭାବେ ଉଲ୍ଲେଖ କରିଛନ୍ତି।
- ଘ) ଛାତ୍ର ବା ଛାତ୍ରୀ ସେମାନଙ୍କ ଲିଙ୍ଗ ଠିକ୍‌ଭାବେ ଉଲ୍ଲେଖ କରିଛନ୍ତି।
- ଙ) ଛାତ୍ର ବା ଛାତ୍ରୀ ସେମାନଙ୍କ ସ୍କୁଲ୍ ନାମ ଠିକ୍‌ଭାବେ ଉଲ୍ଲେଖ କରିଛନ୍ତି।
- ଚ) ଛାତ୍ର ବା ଛାତ୍ରୀ ସେମାନଙ୍କ ନିଜ ଗ୍ରାମ ପଞ୍ଚାୟତ ନାମ ଠିକ୍‌ଭାବେ ଉଲ୍ଲେଖ କରିଛନ୍ତି।
- ଛ) ଛାତ୍ର ବା ଛାତ୍ରୀ ସେମାନଙ୍କ ଜିଲ୍ଲାର ନାମ ଠିକ୍‌ଭାବେ ଉଲ୍ଲେଖ କରିଛନ୍ତି।
- ଜ) ଛାତ୍ର ବା ଛାତ୍ରୀ ସେମାନଙ୍କ ଦିବାଧାୟୀ / ହଷ୍ଟେଲର ନାମ ଠିକ୍‌ଭାବରେ ଉଲ୍ଲେଖ କରିଛନ୍ତି।
- ଝ) ଛାତ୍ର ବା ଛାତ୍ରୀ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର ଠିକ୍‌ଭାବରେ ଉଲ୍ଲେଖ କରିଛନ୍ତି।
- ଞ) ଛାତ୍ର ବା ଛାତ୍ରୀ ସେମାନଙ୍କ ଆଇ.ଏଫ୍.ଏସ୍.ସି କୋଡ୍ ଠିକ୍‌ଭାବରେ ଉଲ୍ଲେଖ କରିଛନ୍ତି।
- ଟ) ଛାତ୍ର ବା ଛାତ୍ରୀ ସେମାନଙ୍କ ଏମ୍.ଆଇ.ସି.ଆର୍. କୋଡ ଠିକ୍‌ଭାବରେ ଉଲ୍ଲେଖ କରିଛନ୍ତି।
- ଠ) ଛାତ୍ର ବା ଛାତ୍ରୀ ସେମାନଙ୍କ ବ୍ୟାଙ୍କ୍ ନାମ ଠିକ୍‌ଭାବରେ ଉଲ୍ଲେଖ କରିଛନ୍ତି।
- ଡ) ଛାତ୍ର ବା ଛାତ୍ରୀ ଠିକ୍‌ଭାବରେ ବ୍ୟାଙ୍କ୍ ଶାଖା ନାମ ଉଲ୍ଲେଖ କରିଛନ୍ତି।
- ଢ) ଛାତ୍ର ବା ଛାତ୍ରୀ ଏକ ପାର୍ସପୋର୍ଟ ସାଇଜ ଫଟୋଗ୍ରାଫ୍ ଠିକ୍‌ଭାବରେ ସଂଲଗ୍ନ କରିଛନ୍ତି।

୩. ଆବେଦନ ଫର୍ମକୁ ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟତ୍ରୀ ଠିକ୍‌ଭାବେ ଯାଞ୍ଚ ଓ ଆଟେଷ୍ଟ କରିଛନ୍ତି।

୪. ଆବେଦନ ପତ୍ରରେ ସ୍କୁଲ୍ ସିଲ୍ ଲାଗିଛି।

୫. ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟତ୍ରୀ ଆବେଦନ ପତ୍ର ସହିତ ସମସ୍ତ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ତାଲିକାର ଏକ ସହିନକଲ ସଂଲଗ୍ନ କରି ଦାଖଲ କରିବେ।

**ନିମ୍ନଲିଖିତ ଡକୁମେଣ୍ଟଗୁଡିକ ସଂଲଗ୍ନ ହୋଇଛି :**

୧. ଠିକ୍‌ଭାବେ ଆଟେଷ୍ଟ ହୋଇଥିବା ଜାତିଗତ ପ୍ରମାଣପତ୍ର।

୨. ନିଜେ ଆଟେଷ୍ଟ କରିଥିବା ଆୟ ପ୍ରମାଣପତ୍ର କିମ୍ବା ବିପିଏଲ କାର୍ଡର ସହିନକଲ।

୩. ବ୍ୟାଙ୍କ ପାସ୍‌ବୁକ୍‌ର ସହିନକଲ।

**ଦଶମ ଶ୍ରେଣୀ**

ଗତ ଶିକ୍ଷାବର୍ଷରେ ମେଧାବୃତ୍ତି ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ନବୀକରଣ ଫର୍ମ (ରିନ୍ୟୁଆଲଫର୍ମ) ପୂରଣ କରିବା ଆବଶ୍ୟକ। ଏଥିପାଇଁ କୌଣସି ସହାୟକ ଡକୁମେଣ୍ଟ ସଂଲଗ୍ନ କରିବା ଆବଶ୍ୟକ ନାହିଁ।